SAMBAD
ସମ୍ବାଦ
ବ୍ରହ୍ମପୁର ୧୪
୩୦ ଅଗଷ୍ଟ ୨୦୧୬

# ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପଠନ କେନ୍ଦ୍ରର ପ୍ରତ୍ୟାର୍ପଣ ଉତ୍ସବ

ପାରଳାଖେମୁଣ୍ଡି,୨୯।୮(ଇମିସ): ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୁକ୍ତ ବିଶ୍ୱ ବିଦ୍ୟାଳୟ ପଠନ କେନ୍ଦ୍ରର ପ୍ରତ୍ୟାର୍ପଣ ଉତ୍ସବ ଆଜି ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ସଂଯୋଜକ ଅଧ୍ୟାପକ ଇନ୍ଦୁଭୂଷଣ ସାହୁ ଉଦ୍‌ଘାଟନ କରିଥିଲେ । ଏହି ପାଠ୍ୟକ୍ରମ ଆସନ୍ତା ମାସ ୪ ତାରିଖରୁ ଆରମ୍ଭ ହେବ । ଏଥିରେ ସାମୁହିକ ଭାବେ ୧୦୫ଜଣ ଶିକ୍ଷାର୍ଥୀ ପଂଜିକୃତ ହୋଇଥିବା ସେ ସୂଚନା ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମେଶ କୁମାର ସାହୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଆସିଥିବା ଏସ୍ ରହମନ୍, ଜ୍ୟୋତି ପ୍ରକାଶ ମହାପାତ୍ର ଓ ମହାବିଦ୍ୟାଳୟର ଅଧ୍ୟାପକବୃନ୍ଦ ଉପସ୍ଥିତ ଥିଲେ ।